# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ କରୁଣାର ବୈଶିଷ୍ଟ୍ୟ

'ଯୁଗାଚାର୍ଯ୍ୟ' ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ
ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ

ଆନନ୍ଦକନ୍ଦ କରୁଣାବରୁଣାଳୟ ଭଗବାନଙ୍କ ପ୍ରତ୍ୟେକ ଲୀଳାରେ କରୁଣା ବିଦ୍ୟମାନ । ପ୍ରତ୍ୟେକ ଭଗବତ୍ ସ୍ୱରୂପ ଓ ଅବତାର କରୁଣାମୟ । 'କରୁଣା' ଭଗବାନଙ୍କ ସ୍ୱରୂପ ଧର୍ମ । ଭଗବତ୍ତାର ସାର ହିଁ ମାଧୁର୍ଯ୍ୟ ଓ ତାହା କେବଳ କରୁଣାଦ୍ୱାରା ବିକାଶ ହୁଏ । ଯଦି କରୁଣାର ବିକାଶ ନ ହୁଏ, ତେବେ ଭଗବାନଙ୍କ ଐଶ୍ୱର୍ଯ୍ୟ-ମାଧୁର୍ଯ୍ୟ, ଦିବ୍ୟଗୁଣାବଳୀ, ଜୀବ ଓ ଜଗତର ଚିତ୍ତାକର୍ଷିଣୀ ଲୀଳାମାନ ଦୃଷ୍ଟିଗୋଚର ହେବା ତ ଦୂରର କଥା, ମନ ଓ ବୁଦ୍ଧିଦ୍ୱାରା ତାହାର ଚିନ୍ତା, ସ୍ମରଣ ଓ ଅନୁଭବ ଦୁର୍ଲ୍ଲଭ ଓ ଅସମ୍ଭବ ହୋଇପଡ଼େ ।

ଅଗଣିତ ଅନନ୍ତ ସୃଷ୍ଟି କରୁଣାର କ୍ଷେତ୍ର ହେଲେ ମଧ୍ୟ କରୁଣାର ମୁଖ୍ୟ ବିଷୟ ହେଉଛି ଜୀବ ସମୁଦାୟ । ଭଗବଦୁନ୍ମୁଖ ଜୀବମାନଙ୍କୁ ନିଖିଳ ଐଶ୍ୱର୍ଯ୍ୟ-ମାଧୁର୍ଯ୍ୟମୟ ଲୀଳା ରସାମୃତ ସିନ୍ଧୁରେ ଆପ୍ଲାବିତ କରିବା ହିଁ କରୁଣାର ବିକାଶ । ଭଗବଦ୍‌ବିମୁଖ ଜୀବମାନଙ୍କୁ ଯଥା ସମ୍ଭବ କୌଶଳରେ ନିଜ ପ୍ରତି ଉନ୍ମୁଖ କରିବା ସେଇ କରୁଣାର ବିକାଶ ଏବଂ ଭଗବଦ୍‌ଭକ୍ତ ବିରୋଧୀ ଦୁଷ୍କୃତ ଦୈତ୍ୟ-ଦାନବମାନଙ୍କୁ ବିନାଶ କରି ସେମାନଙ୍କୁ ମୁକ୍ତି ଆଦି ଦେବା ଭଗବତ୍ କରୁଣାର ବିଚିତ୍ର ବିକାଶ ।

କରୁଣାମୟଙ୍କ କରୁଣା ଏକ ବିଭୁତତ୍ତ୍ୱ ହେଲେ ହେଁ ବ୍ରହ୍ମାଣ୍ଡରେ ସେ(କୃଷ୍ଣ) ନିଜର କାର୍ଯ୍ୟ ଓ ତା'ର ପ୍ରଭାବ ଦ୍ୱାରା ଅନୁଭୂତ ହୁଅନ୍ତି । ପ୍ରପଞ୍ଚରେ ଅବତାରମାନଙ୍କ ଅବତରଣର ମୂଳ କାରଣ ହେଉଛି, ସାଧୁ, ଭକ୍ତଙ୍କ ରକ୍ଷା ଓ ଅସାଧୁ, ଅସୁରମାନଙ୍କ ବିନାଶ । ଅଧର୍ମ ନିବାରଣପୂର୍ବକ ଧର୍ମ ରକ୍ଷା ।

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।**

ଶ୍ରୀଳ ଶୁକଦେବ ଗୋସ୍ୱାମୀ କହୁଛନ୍ତି—

**ଯଦା ଯଦେହ ଧର୍ମସ୍ୟ କ୍ଷୟୋ ବୃଦ୍ଧିଶ୍ଚ ପାପ୍ମନଃ ।**
**ତଦା ତୁ ଭଗବାନୀଶ ଆତ୍ମାନଂ ସୃଜତେ ହରିଃ ।।**

(ଶ୍ରୀମଭା.୯/୨୪/୫୬)

ଅର୍ଥାତ୍ ସଂସାରରେ ଧର୍ମର ହ୍ରାସ ଓ ପାପର ବୃଦ୍ଧି ହେଲେ ସର୍ବଶକ୍ତିମାନ୍ ହରି ଅବତାର ନିଅନ୍ତି ।

କିନ୍ତୁ ଶ୍ରୀଚୈତନ୍ୟମହାପ୍ରଭୁଙ୍କ ଆବିର୍ଭାବର ତିନିଟି ବିଶେଷ କାରଣ ଦେଖାଯାଏ । କିନ୍ତୁ ଅନ୍ୟ ଅବତାରମାନଙ୍କ ଆବିର୍ଭାବରେ ସେଥିରୁ ଗୋଟିଏ ମଧ୍ୟ ଦେଖାଯାଏ ନାହିଁ । ପ୍ରଥମତଃ ସେ ନିଜ କରୁଣାର ବଶୀଭୂତ ହୋଇ ଅବତୀର୍ଣ୍ଣ ହୋଇଥିଲେ । ଦ୍ୱିତୀୟତଃ ପରମୋଜ୍ଜ୍ୱଳ ରସମୟୀ ସ୍ୱଭକ୍ତି ରୂପକ ସମ୍ପତ୍ତି ଦେବା ପାଇଁ ଅବତରଣ କରିଥିଲେ । ତୃତୀୟତଃ ଶ୍ରୀମତୀ ରାଧିକା ତୁଲ୍ୟ ସେ ନିଜର ଅସମୋର୍ଦ୍ଧ୍ୱ ବିବିଧ ମାଧୁର୍ଯ୍ୟଭାବକୁ ନିଜେ ଆସ୍ୱାଦନ କରିବା ଲୋଭରେ ଶ୍ରୀରାଧା-ଭାବ-ଦ୍ୟୁତି ସୁବଳିତ ହୋଇ ଆବିର୍ଭୂତ ହୋଇଥିଲେ । ଶ୍ରୀରୂପ ଗୋସ୍ୱାମୀ ଶ୍ରୀଶଚିନନ୍ଦନ ଗୌରହରିଙ୍କ ଆବିର୍ଭାବର ପୃଷ୍ଠଭୂମିରେ ପ୍ରଥମୋକ୍ତ ଦୁଇଟି କାରଣ ଉଲ୍ଲେଖ କରିଛନ୍ତି—

**ଅନର୍ପିତଚରୀଂ ଚିରାତ୍ କରୁଣୟାବତୀର୍ଣ୍ଣ କଲୌ**
**ସମର୍ପୟିତୁମୁନ୍ନତୋଜ୍ଜ୍ୱଳରସାଂ ସ୍ୱଭକ୍ତିଶ୍ରିୟମ୍ ।**
**ହରିଃ ପୂରଟ-ସୁନ୍ଦରଦ୍ୟୁତିଃ କଦମ୍ବସନ୍ଦୀପିତଃ**
**ସଦା ହୃଦୟ କନ୍ଦରେ ସ୍ଫୁରତୁ ବଃ ଶଚୀନନ୍ଦନଃ ।।**

(ବିଦଗ୍ଧମାଧବ ୧ମ ଅଙ୍କ ୨ୟ ଶ୍ଳୋକ)

ସୁବର୍ଣ୍ଣକାନ୍ତି ସମୂହଦ୍ୱାରା ଦୀପ୍ତିମାନ୍ ଶ୍ରୀଶଚିନନ୍ଦନ ହରି ତୁମମାନଙ୍କ ହୃଦୟରେ ସ୍ଫୂର୍ତ୍ତି ହୁଅନ୍ତୁ । ସର୍ବୋତ୍କୃଷ୍ଟ ଉନ୍ନତ ଉଜ୍ଜ୍ୱଳରସ ଯାହା ଜଗତକୁ କେବେ ଦାନ କରାଯାଇ ନାହିଁ, ସେହି ପରମୋଜ୍ଜ୍ୱଳ ରସମୟୀ ସ୍ୱଭକ୍ତି ରୂପକ ସମ୍ପତ୍ତି ଦେବା ପାଇଁ ସେ କରୁଣାବଶତଃ କଳିଯୁଗରେ ଅବତୀର୍ଣ୍ଣ ହୋଇଥିଲେ ।

ତୃତୀୟ କାରଣ ସମ୍ବନ୍ଧରେ ଶ୍ରୀଳ ସ୍ୱରୂପ ଦାମୋଦର ଗୋସ୍ୱାମୀ ଉଲ୍ଲେଖ କରିଛନ୍ତି—

**ଶ୍ରୀରାଧାୟାଃ ପ୍ରଣୟ ମହିମା କୀଦୃଶୋ ବାନୟୈବା**
**ସ୍ୱାଦ୍ୟୋ ଯେନାଦ୍ଭୁତ ମଧୁରିମା କୀଦୃଶୋ ବା ମଦୀୟଃ ।**

**ସୌଖ୍ୟଞ୍ଚାସ୍ୟ ମଦନୁଭବତଃ କୀଦୃଶଂ ବେତି ଲୋଭାତ୍**
**ତତ୍‌ଭାବାଢ୍ୟଃ ସମଜନି ଶଚୀଗର୍ଭସିନ୍ଧୌ ହରୀନ୍ଦୁଃ ।।**

ଶ୍ରୀରାଧାଙ୍କ ପ୍ରଣୟ ମହିମା କିପରି ? ଶ୍ରୀରାଧା ଆସ୍ୱାଦନ କରୁଥିବା ମୋର ଅଦ୍ଭୁତ ମଧୁରିମା କିପରି ? ଏବଂ ମୋର ମଧୁରିମାର ଅନୁଭବରୁ ଶ୍ରୀରାଧାର କେଉଁ ସୁଖ ଉଦୟ ହୁଏ ?—ଏହି ତିନିଟି ବିଷୟରେ ଲୋଭ ଜନ୍ମିବାରୁ ଶ୍ରୀକୃଷ୍ଣଚନ୍ଦ୍ର ଶଚୀଗର୍ଭସମୁଦ୍ରରେ ଜନ୍ମନେଲେ । ଯଦିଓ ଅବତାରମାନଙ୍କ ଦ୍ୱାରା କୃତ ସାଧୁମାନଙ୍କ ରକ୍ଷା, ଅସୁର ବିନାଶ ଓ ଧର୍ମସ୍ଥାପନାଦି ଜୀବପ୍ରତି କରୁଣାର ପରିଚାୟକ । ତଥାପି ଗୌରାବିର୍ଭାବ ବ୍ୟତୀତ ଅନ୍ୟ କୌଣସି ଅବତାରରେ 'କରୁଣା' ଶବ୍ଦର ସ୍ପଷ୍ଟ ଉଲ୍ଲେଖ ନାହିଁ । ଅତଏବ ଅନ୍ୟାନ୍ୟ ଅବତାରଙ୍କ କରୁଣା ଅପେକ୍ଷା ଶ୍ରୀଗୌରାବତାରଙ୍କ କରୁଣାର ଏକ ଅପୂର୍ବ ବୈଶିଷ୍ଟ୍ୟ ଅଛି । ଏ ସମ୍ବନ୍ଧରେ ନିମ୍ନରେ କିଛି ବିଚାର ଦିଆଗଲା—

(କ) ପୂର୍ବରୁ କୁହାଯାଇଛି, ସାଧୁମାନଙ୍କୁ ରକ୍ଷା ଏବଂ ଅସାଧୁମାନଙ୍କୁ ବିନାଶ କରି ଧର୍ମସଂସ୍ଥାପନ ପାଇଁ ଶ୍ରୀଭଗବାନ୍ ଅସଂଖ୍ୟ ଅବତାର ନେଇଛନ୍ତି । ବେଦାଦି ଶାସ୍ତ୍ର ଓ ସେମାନଙ୍କ ସାରଭୂତ ଶ୍ରୀମଦ୍ଭାଗବତରେ ବର୍ଣ୍ଣିତ ପ୍ରଭାବଶାଳୀ ମୀନ, କଚ୍ଛପ, ବରାହ ପ୍ରଭୃତି ଅବତାରରେ 'ସ୍ୱଭକ୍ତିଶ୍ରିୟ' ଦାନର କୌଣସି ପ୍ରଶ୍ନ ନାହିଁ । ଶ୍ରୀନୃସିଂହ, ବାମନ, ପରଶୁରାମାଦି ସେମାନଙ୍କ ମୁଖ୍ୟ ପ୍ରୟୋଜନରେ ସୀମିତ ରହିଲେ । କପିଳ, ଦତ୍ତାତ୍ରେୟ ଆଦି ଅବତାରମାନେ ସାଂଖ୍ୟ-ଯୋଗାଦିର ଉପଦେଶ ଦେଲେ । ଅନ୍ୟାନ୍ୟ ବୁଦ୍ଧାଦି ଅବତାରରେ ମଧ୍ୟ ଭକ୍ତି ଦାନର କୌଣସି ପ୍ରସଙ୍ଗ ମିଳେନାହିଁ । କେବଳ ମାତ୍ର ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ଜୀବମାନଙ୍କୁ ଆକୃଷ୍ଟ କରିଛନ୍ତି । କିନ୍ତୁ ଭକ୍ତି ଦାନ ବିଷୟରେ ନିଜଲୋକମାନଙ୍କ ପ୍ରତି ଉଦାରତାର ବିଶେଷ ପରିଚୟ ଦେଇନାହାଁନ୍ତି ।

ଶ୍ରୀରାମଚନ୍ଦ୍ର ତାଙ୍କ ନିଜଜନ ଲୋମଶଋଷି, ଶରଭଙ୍ଗ, ସୁତୀକ୍ଷ୍ଣ, ଦଣ୍ଡକାରଣ୍ୟର ଋଷିମାନେ, ଏପରିକି କାକଭୂଷଣ୍ଡିଙ୍କୁ ବି ଭକ୍ତି ଗୋପନ ରଖି ଭୋଗ ମୋକ୍ଷର ବର ଦେବାର ପ୍ରସ୍ତାବ ରଖିଥିଲେ । ଶ୍ରୀରାମଚନ୍ଦ୍ର ମର୍ଯ୍ୟାଦା ପୁରୁଷୋତ୍ତମ, ତଥାପି ଭକ୍ତି ଦେଲେ ମର୍ଯ୍ୟାଦାର ବ୍ୟତିକ୍ରମ ହୁଏନାହିଁ । ସେଥିପାଇଁ ତାଙ୍କ ପକ୍ଷେ ଭକ୍ତିକୁ ଗୋପନ ରଖିବା ଉଚିତ୍ ବୋଲି କୁହାଯାଇ ନ ପାରେ । ତେବେ ଲୀଳା ପୁରୁଷୋତ୍ତମ କ୍ୱଚିତ୍ ମର୍ଯ୍ୟାଦା ଉଲ୍ଲଙ୍ଘନକାରୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପକ୍ଷେ ଭକ୍ତି ଦାନରେ ଅବଶ୍ୟ ଉଦାର ହେବା ଉଚିତ୍ ଥିଲା । କିନ୍ତୁ ନିଜର ଭକ୍ତିକୁ ଗୋପନ ରଖିଛନ୍ତି ।

**ରାଜନ୍ ପତିର୍ଗୁରୁରଳଂ ଭବତାଂ ଯଦୂନାଂ**
**ଦୈବଂ ପ୍ରିୟଃ କୁଳପତିଃ କ୍ୱ ଚ କିଙ୍କରୋ ବଃ।**
**ଅସ୍ତ୍ୱେବମଙ୍ଗ ଭଜତାଂ ଭଗବାନ୍ ମୁକୁନ୍ଦୋ**
**ମୁକ୍ତିଂ ଦଦାତି କର୍ହିଚିତ୍ ସ୍ମ ନ ଭକ୍ତିଯୋଗମ୍ ।।**

(ଭା. ୫/୬/୧୮)

ହେ ରାଜନ୍! ଭଗବାନ୍ ମୁକୁନ୍ଦ ସ୍ୱୟଂ ତୁମ(ପାଣ୍ଡବ)ମାନଙ୍କର ଏବଂ ଯଦୁବଂଶିମାନଙ୍କର ରକ୍ଷକ, ଗୁରୁ, ଇଷ୍ଟଦେବ, ସୁହୃତ୍ ଓ କୁଳପତି ଥିଲେ। ଏପରିକି ସେ କେବେ କେବେ ତୁମର ଆଜ୍ଞାକାରୀ ସେବକ ଥିଲେ। ଏହା କମ୍ ସୌଭାଗ୍ୟର କଥା ନୁହେଁ, କାରଣ ଭଗବାନ୍ ଭଜନରତ ବ୍ୟକ୍ତିଙ୍କୁ ମୁକ୍ତି ଦେଇଦିଅନ୍ତି, କିନ୍ତୁ ଭକ୍ତିଯୋଗକୁ ଦିଅନ୍ତି ନାହିଁ।

**କୃଷ୍ଣ ଯଦି ଛୁଟେ ଭଜେ ଭୁକ୍ତି ମୁକ୍ତି ଦିୟା।**
**କଭୁ ଭକ୍ତି ନା ଦେନ ରାଖେନ ଲୁକାଇୟା ।।**

(ଚୈ.ଚ. ୧/୮/୧୮)

(ଖ) ଏହିପରି 'କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁମ୍ ସମର୍ଥ ପ୍ରଭୁ' ନିଜର ସବୁ ସ୍ୱରୂପରେ ନିଜର ଭଜନକାରୀ ଲୋକମାନଙ୍କ ନିକଟରେ ମଧ୍ୟ ଭକ୍ତିକୁ ଗୋପନ ରଖନ୍ତି। କିନ୍ତୁ ଶ୍ରୀଗୌରାଙ୍ଗ ସ୍ୱରୂପରେ ନିଜର ଉପଦେଶ, ସ୍ପର୍ଶ, ଦୃଷ୍ଟି ଓ ପ୍ରେରଣାଦି ଦ୍ୱାରା ଅପାମର ସକଳ ଜୀବମାନଙ୍କୁ ଭକ୍ତିରସରେ ଆପ୍ଲାବିତ କରିବା ପାଇଁ ସେ ସନ୍ନ୍ୟାସ ନେଲେ। ଦେଶ-ବିଦେଶ ବୁଲି ନିଜର ପରିକରମାନଙ୍କୁ ସର୍ବତ୍ର ପଠାଇ ଶ୍ରୀବିଗ୍ରହ ପ୍ରକାଶ ଓ ଭକ୍ତିଗ୍ରନ୍ଥ ପ୍ରଣୟନ କରି ହରିନାମ ପ୍ରେମ ଦୁଇହାତରେ ବାଣ୍ଟିଲେ। ଶ୍ରୀଳ ରୂପଗୋସ୍ୱାମୀ କହିଛନ୍ତି—

**ସନ୍ତ୍ୱବତାରା ବହବଃ ପଙ୍କଜନାଭସ୍ୟ ସର୍ବତୋଭଦ୍ରାଃ ।**
**କୃଷ୍ଣାଦନ୍ୟଃ କୋ ବା ଲତାସ୍ୱପି ପ୍ରେମଦୋ ଭବତି ।।**

(ଲଘୁଭାଗବତାମୃତମ୍ ପୂର୍ବଖଣ୍ଡ. ୩/୩)

ଭଗବାନ୍ ପଙ୍କଜନାଭ ଅନେକ ମଙ୍ଗଳମୟ ଅବତାର ହୁଅନ୍ତୁନା କାହିଁକି, କୃଷ୍ଣ ବ୍ୟତୀତ ଲତା ଅର୍ଥାତ୍ ଆଶ୍ରିତମାନଙ୍କ ପ୍ରେମଦାତା ଆଉ କିଏ ଅଛି ?

ଏହା ସତ୍ୟ, କିନ୍ତୁ କୃଷ୍ଣ **'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍'** ଏହି ଗୀତାର ବାଣୀ ଅନୁସାରେ ଶ୍ରୀକୃଷ୍ଣ ଶ୍ରଦ୍ଧା ଓ ଅଧିକାର ଅନୁରୂପ

ତୁଳି ବା ଓଜନ କରି ଭକ୍ତି ଦିଅନ୍ତି । ଯାହାର ଯେତେଦୂର ପ୍ରପତ୍ତି ବା ଶ୍ରଦ୍ଧା ସେହି ପରିମାଣର ଭକ୍ତି ଦିଅନ୍ତି । କମ୍ ନୁହେଁ କି ବେଶି ନୁହେଁ, ସଠିକ୍ ଓଜନ କରି ଦାନ କରନ୍ତି । କୃଷ୍ଣନାମ କିନ୍ତୁ ପରମ ଉଦାର, ଦୟାଳୁ । ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସଙ୍କେତ, ପରିହାସ, ସ୍ତୋଭ ଓ ଅବହେଳା ଦ୍ୱାରା ନାମାଭାସକାରୀମାନଙ୍କୁ ଉଦ୍ଧାର କରିଛନ୍ତି, କରୁଛନ୍ତି ଓ କରିବେ, ଏହା ସତ୍ୟ ।

ପରନ୍ତୁ—**କୃଷ୍ଣନାମ କରେ ଅପରାଧର ବିଚାର ।**
**'କୃଷ୍ଣ' ବଲିଲେ ଅପରାଧୀର ନା ହୟ ବିକାର ।।**

କିନ୍ତୁ— **ଚୈତନ୍ୟ-ନିତ୍ୟାନନ୍ଦେ ନାହି ଏସବ ବିଚାର ।**
**ନାମ ଲୈତେ ପ୍ରେମ ଦେନ, ବହେ ଅଶ୍ରୁଧାର ।।**

କେବଳ ତାହା ନୁହେଁ—

**ଏମନ ଦୟାଲୁ ପ୍ରଭୁ ନାହିଁ ତ୍ରିଭୁବନେ ।**
**କୃଷ୍ଣ ପ୍ରେମ ଜନ୍ମାୟ ଯାର ଦୂର ଦରଶନେ ।।**

(ଗ) ଶ୍ରୀମନ୍ ମହାପ୍ରଭୁଙ୍କ କରୁଣା ପାତ୍ର ଅପାତ୍ରର ବିଚାର ନ କରି ଯିଏ ସମ୍ମୁଖକୁ ଆସିଲେ, ତାକୁ ପାତ୍ର ବିଚାରି ପ୍ରେମ ଦେଲେ । ଯାହାର ପାତ୍ର ନାହିଁ, ଯେ ଖାଲି ହାତରେ ଆସିଲେ, ସ୍ୱୟଂ ପାତ୍ର ଦେଇ ପ୍ରେମାମୃତଦ୍ୱାରା ଭରିଦେଲେ । ଯେଉଁ ଉନ୍ନତ-ଉଜ୍ଜ୍ୱଳ ସ୍ୱଭକ୍ତିରୂପକ ପ୍ରେମାମୃତ ନାରଦ ଆଦି ପ୍ରେଷ୍ଠମାନଙ୍କୁ ଦୁର୍ଲ୍ଲଭ—'ଯଂ ପ୍ରେଷ୍ଠୈରପ୍ୟମସୁଲଭଂ କିଂ ପୁନର୍ଭକ୍ତିଭାଜାଂ' । ଶ୍ରୀଗୌର କରୁଣା ଅବାଧ ଗତିରେ ସ୍ୱତନ୍ତ୍ରତା ରକ୍ଷା ପୂର୍ବକ ପ୍ରସାରିତ ହୋଇ ପ୍ରବଳ ବନ୍ୟା ସଦୃଶ ସମଗ୍ର ଜଗତକୁ ଆପ୍ଲାବିତ କରିଦେଲା । ଶ୍ରୀମନ୍ମହାପ୍ରଭୁ ତାଙ୍କର ଅସମୋର୍ଦ୍ଧ୍ୱ କରୁଣାକୁ ମୁକ୍ତ କରିଦେଲେ । ମହାପ୍ରଭୁ ନିଜର କରୁଣା-ଶକ୍ତିକୁ କହିଦେଲେ—କରୁଣା ! ମୁଁ ତୁମ ନିକଟରେ ଆତ୍ମସମର୍ପଣ କରିଲି । ତୁମେ ଯେଉଁ ଦିଗରେ ଯେତେଦୂର ଯେଉଁଆଡ଼େ ଯାହାକୁ ଚାହଁ—ଅପରାଧୀ, ବିମୁଖ, ତଟସ୍ଥ, ଶ୍ରଦ୍ଧାଳୁ, ଅଶ୍ରଦ୍ଧାଳୁ, ସାଧାରଣ ଭକ୍ତ ଓ ବିଶେଷ ଭକ୍ତ ସମସ୍ତଙ୍କୁ ପ୍ରେମ ବନ୍ୟାରେ ବୁଡ଼ାଇ ଦିଅ ।

ଏଇ ପ୍ରେମବନ୍ୟାରେ ସର୍ବପ୍ରଥମେ କୂଳିଆର ପାର୍ବତ୍ୟ ଭୂମି(ନିନ୍ଦୁକ ଶିକ୍ଷିତବର୍ଗ), ନିଳାଚଳର ଉପତ୍ୟକା(ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଆଦି ଅଦ୍ୱୈତବାଦୀଗଣ) ଓ ଶେଷରେ କାଶୀର ସର୍ବୋଚ୍ଚ ଗିରିଶୃଙ୍ଗ (ଅପରାଧୀ ଅଦ୍ୱୈତବାଦୀ ପ୍ରକାଶାନନ୍ଦ ସରସ୍ୱତୀ ଓ ତାହାର ହଜାର ସନ୍ନ୍ୟାସୀ ଶିଷ୍ୟ) ଅତଳ ତଳେ ତଳାନ୍ତ ହୋଇଗଲେ ।

ଶ୍ରୀଗୌର କରୁଣାର ଏପରି ଅପୂର୍ବ ମାଧୁର୍ଯ୍ୟ, ଅଦ୍ଭୁତ ଉଲ୍ଲାସ, ଅନୁପମ ଔଦାର୍ଯ୍ୟ ଓ ଅସମୋର୍ଦ୍ଧ୍ୱ ବୈଶିଷ୍ଟ୍ୟ, ପ୍ରେମବଦାନ୍ୟ ଆଦି ଲୀଳା ପୁରୁଷୋତ୍ତମ କୃଷ୍ଣଙ୍କଠାରେ ମଧ୍ୟ ଦୃଷ୍ଟି ଗୋଚର ହୁଏ ନାହିଁ।

(ଘ) ଅନ୍ୟାନ୍ୟ ଭଗବତ୍ ସ୍ୱରୂପ ଜଗତରେ ଅବତୀର୍ଣ୍ଣ ହୋଇ ଆଦିଠାରୁ ଅନ୍ତ ପର୍ଯ୍ୟନ୍ତ ନିଜର ସେଇ ସ୍ୱରୂପର ଦର୍ଶନ ଦିଅନ୍ତି। କେବଳ କୃଷ୍ଣ ଅବତାରରେ ସେ ଦେବକୀ, ବସୁଦେବ ଓ ଗୋପୀମାନଙ୍କୁ ଚତୁର୍ଭୁଜ ମୂର୍ତ୍ତି, ଅର୍ଜୁନଙ୍କୁ ବିଶ୍ୱରୂପ, ଦ୍ୱାରିକାରେ ହନୁମାନଙ୍କୁ ରାମରୂପେ ଦର୍ଶନ ଦେଇଥିଲେ। ସେ ସ୍ୱୟଂ ଭଗବାନ୍; ତେଣୁ ତାହା ତାଙ୍କ ପକ୍ଷେ ସମ୍ଭବ। କିନ୍ତୁ ମୀନ, କୂର୍ମ, ବରାହ, ନୃସିଂହ ଓ ଶ୍ରୀରାମାଦି ବ୍ୟତୀତ ନିଜର ଅନ୍ୟ କୌଣସି ଭଗବତ୍ ସ୍ୱରୂପରେ ଦର୍ଶନ ଦେଇ ନାହାଁନ୍ତି। କିନ୍ତୁ ଶ୍ରୀଚୈତନ୍ୟମହାପ୍ରଭୁ ଯେଉଁ ଭକ୍ତର ଯିଏ ଇଷ୍ଟଦେବ ତାଙ୍କୁ ସେଇ ରୂପରେ ସମସ୍ତଙ୍କ ସମ୍ମୁଖରେ ଦର୍ଶନ ଦେଇଥିଲେ। ଶ୍ରୀବାସ, ନୃସିଂହାନନ୍ଦଙ୍କୁ ନୃସିଂହ ରୂପେ, ମୁରାରୀଗୁପ୍ତଙ୍କୁ ସପରିକର ରାମରୂପେ, କାହାକୁ ଯଜ୍ଞବରାହ, ଚତୁର୍ଭୁଜ, ଷଡ଼ଭୂଜ, ଅଷ୍ଟଭୂଜ ତ କାହାକୁ ମୂରଲୀଧାରୀ କୃଷ୍ଣ ଏବଂ ଶ୍ରୀରାୟରାମାନନ୍ଦଙ୍କୁ ଶ୍ରୀରାଧାଭାବଦ୍ୟୁତି ସୁବଳିତ ରସରାଜ ମହାଭାବ ରୂପ ଦର୍ଶନ ଦେଇଛନ୍ତି। ଏଠାରେ ତାଙ୍କର ସ୍ୱୟଂ ଭଗବତ୍ତା ପ୍ରକାଶ ସହିତ ଅନ୍ୟ ଭଗବତ୍ ସ୍ୱରୂପ ମଧ୍ୟରେ ମହୀୟତା ପ୍ରତିପାଦିତ ହେଉଛି।

(ଙ) ଅନ୍ୟାନ୍ୟ ଅବତାରରେ ଭଗବାନ୍ ସାଧୁମାନଙ୍କୁ ରକ୍ଷା କରିଛନ୍ତି ଓ ସାଧୁମାନେ ଭଗବାନଙ୍କ ସେଇ କରୁଣାକୁ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି। ଧର୍ମସ୍ଥାପନ କରି ଧର୍ମପ୍ରାଣ ସଜ୍ଜନମାନଙ୍କ ଭଗବାନ ଉପକାର କରିଛନ୍ତି। ସେହି ଉପକୃତ ସଜ୍ଜନମାନେ ସେଇ କରୁଣାକୁ ଅନୁଭବ କରିଛନ୍ତି। ଅନ୍ୟାନ୍ୟ ଅବତାରରେ ଭଗବାନ୍ ଅସୁରମାନଙ୍କୁ ବିନାଶ କରି ସେମାନଙ୍କୁ ସଦ୍‌ଗତି ଦେଇଛନ୍ତି। କାରଣ ସେ 'ହତାରିଗତିଦାୟକ'। ଶ୍ରୀକୃଷ୍ଣ ଯେଉଁ ଅସୁରମାନଙ୍କୁ ବଧ କରିଛନ୍ତି, ସେମାନଙ୍କୁ ମୁକ୍ତି ଦେଇଛନ୍ତି। ଏପରି କି ଅର୍ଜୁନ ଓ ଭୀମଦ୍ୱାରା ବଧ କରି ସେମାନଙ୍କୁ ଗତି ଦେଇଛନ୍ତି। ଅସୁରମାନଙ୍କ ପ୍ରତି ଭଗବାନଙ୍କ କରୁଣା ଏକ ବିଚିତ୍ର ନିଦର୍ଶନ। ପୁତନାକୁ ସେ ଧାତ୍ରୋଚିତ ଗତି ଦେଇଛନ୍ତି। କିନ୍ତୁ ଭଗବାନଙ୍କ ଏସବୁ କରୁଣାକୁ ଅସୁରମାନେ କେବେ ଅନୁଭବ କରିଲେ ? ମୃତ୍ୟୁର ପରେ ଭଗବତ୍‌ଚରଣରେ ସ୍ଥାନ ପାଇବା ପରେ। ଜୀବିତ ଥିବା ଯାଏଁ ଭଗବତ କରୁଣା ଅନୁଭବ କରିପାରିଲେ ନାହିଁ। ତାହାଙ୍କ ବନ୍ଧୁ-ବାନ୍ଧବ ପୁତ୍ର କଳତ୍ରାଦି କେହି(କାଳୀୟ ଓ ତତ୍ ପତ୍ନୀ ଛଡ଼ା) ସେଇ କରୁଣା ଅନୁଭବ କରିପାରିଲେ ନାହିଁ। ଏବଂ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେମାନଙ୍କ ଧାରଣା ଥିଲା,

ଶ୍ରୀକୃଷ୍ଣ ସେମାନଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରିଛନ୍ତି । ଅତଏବ କରୁଣାର ମାଧୁର୍ଯ୍ୟ ଅସମ୍ୟକ୍ ଥିଲା ।

ଶ୍ରୀଚୈତନ୍ୟ ମହାପ୍ରଭୁ କୌଣସି ଅସ୍ତ୍ରଶସ୍ତ୍ର ଧରିଲେ ନାହିଁ, କାହାକୁ ପ୍ରାଣରେ ବିନାଶ କରିଲେ ନାହିଁ । ସମସ୍ତଙ୍କୁ ହରିନାମ ଦେଇ ଚିତ୍ତ ଶୁଦ୍ଧି କରିଛନ୍ତି । ଅସୁର ସଂହାର ନୁହେଁ—ଅସୁରତ୍ୱର ସଂହାର ରୂପକ ବୈଶିଷ୍ଟ୍ୟ କେବଳ ମାତ୍ର ଗୌରାବତାରରେ ହିଁ ପରିଲକ୍ଷିତ ହୁଏ ।

**"ରାମ-ଆଦି ଅବତାରେ, କ୍ରୋଧେ ନାନା ଅସ୍ତ୍ର ଧରେ ।**
**ଏବେ ଅସ୍ତ୍ର ନା ଧରିଲ, ପ୍ରାଣେ କାରେ ନ ମାରିଲ,**
**ଚିତ୍ତ ଶୁଦ୍ଧ କରିଲ ଅପାର ।"**

ଜଗାଇ, ମାଧାଇ, ଚାଁଦକାଜୀ, ନିନ୍ଦୁକ ପଢୁଆ ବର୍ଗ, କାଶୀବାସୀ ନିର୍ବିଶେଷବାଦୀ ପ୍ରକାଶାନନ୍ଦ ସରସ୍ୱତୀ ଓ ତାହାର ଶିଷ୍ୟବର୍ଗ ଆଦି ଏହାର ଉଦାହରଣ ।

(ଚ) ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ନିଜର ଐଶ୍ୱର୍ଯ୍ୟକୁ ସର୍ବଦା ଗୋପନ ରଖନ୍ତି । ଇଚ୍ଛାକ୍ରମେ କୌଣସି ବିଶେଷ ଭକ୍ତର ସମ୍ମୁଖରେ କୌଣସି ବିଶେଷ ସ୍ୱରୂପ ପ୍ରକାଶ କରନ୍ତି । କୁରୁକ୍ଷେତ୍ରର ବିଶାଳ ସୈନ୍ୟସମାବେଶରେ ଏକମାତ୍ର ଅର୍ଜୁନଙ୍କୁ ବିରାଟରୂପ, ମୃଦୁଭକ୍ଷଣ ବେଳେ ମା'ଯଶୋଦାକୁ ବିଶ୍ୱରୂପ ଓ କଂସ କାରାଗାରରେ ବସୁଦେବ ଦେବକୀଙ୍କୁ ଚତୁର୍ଭୁଜ ରୂପ ଦେଖାଇଛନ୍ତି ।

ଶ୍ରୀମନ୍ ମହାପ୍ରଭୁ ସର୍ବସମକ୍ଷରେ ଚତୁର୍ଭୁଜ, ଷଡ଼ଭୁଜ, ବରାହ, ରାମ, ନୃସିଂହ, ବଳରାମ ଆଦି ଭଗବତ୍ ସ୍ୱରୂପକୁ ପ୍ରତ୍ୟକ୍ଷ ରୂପେ ଦେଖାଇଛନ୍ତି । ଅନ୍ୟାନ୍ୟ ଭଗବଦ୍ ସ୍ୱରୂପରେ ଏପରି ଦେଖାଯାଏନା ।

(ଜ) ଶ୍ରୀଚୈତନ୍ୟମହାପ୍ରଭୁ ପରିକରମାନଙ୍କ ସହିତ ମିଶିଲେ, ସେମାନଙ୍କୁ ପଚାରନ୍ତି—ଜୀବମାନଙ୍କ ଉଦ୍ଧାର କିପରି ହେବ ? ପଶୁପକ୍ଷୀ, ତୃଣଲତା-ଗୁଳ୍ମାଦି ଓ ସ୍ଥାବର ଜୀବମାନଙ୍କ ନିସ୍ତାର କିପରି ହେବ ? ପରିକରମାନେ କହନ୍ତି—ଆପଣ ଯେଉଁ ସଂକୀର୍ତ୍ତନ ପ୍ରଚାର କରିଛନ୍ତି, ତାହା ଦ୍ୱାରା ହିଁ ସ୍ଥାବର ଜଙ୍ଗମ ସବୁପ୍ରାଣୀମାନେ ଉଦ୍ଧାର ହେବେ । ଅନ୍ୟ କୌଣସି ଭଗବତ୍ ଅବତାରରେ ଭକ୍ତିର ଆଚାର-ପ୍ରଚାରର ଶିକ୍ଷା ଜୀବ ଜଗତକୁ ପ୍ରଦାନ କରିନାହାଁନ୍ତି ।

(ଝ)ଶ୍ରୀଚୈତନ୍ୟ ଚରିତାମୃତରେ ଉଲ୍ଲେଖ ଅଛି—'ରସିକଶେଖର କୃଷ୍ଣ ପରମ କରୁଣ ।' ଏଠାରେ ବିଚାରଣୀୟ, କୃଷ୍ଣ ରସିକ ଓ କରୁଣ-ଏହା ସତ୍ୟ, କିନ୍ତୁ

ରସିକ ଶେଖର ଓ ପରମ କରୁଣ ନୁହଁନ୍ତି, ଯେତେଦିନ ପର୍ଯ୍ୟନ୍ତ ସେ ରାଧାଭାବ ଓ କାନ୍ତି ଅଙ୍ଗୀକାର କରି ମହାପ୍ରଭୁ ରୂପେ ଅବତୀର୍ଣ୍ଣ ହୋଇନାହାନ୍ତି । କାରଣ କୃଷ୍ଣ ଲୀଳାରେ ତାଙ୍କର ତିନିଟି ବାଞ୍ଛା ଅପୂର୍ଣ୍ଣ ଥିଲା, ଯାହାର ଆସ୍ୱାଦନ ସେ ଗୌରଲୀଳାରେ କରିଛନ୍ତି । ଶ୍ରୀକୃଷ୍ଣ ଗୋପୀମାନଙ୍କ ଲହୁଣୀ ଓ ମନ ଚୋରି କରିଥିଲେ ।(ତେଣୁ ସେ 'ରସିକ') କିନ୍ତୁ ସେ ରାଧିକାଙ୍କର ଅଙ୍ଗକାନ୍ତି ଓ ସ୍ୱରୂପଗତ ଅଧିରୂଢ଼, ମାଦନ, ମୋଦନ ଓ ମୋହନଭାବକୁ ଚୋରି କରିପାରନ୍ତି ନାହିଁ । (ଗୌର ଅବତାରରେ ତାହା କରିପାରିଲେ ତେଣୁ ସେ 'ରସିକଶେଖର')ସେଥିପାଇଁ ସ୍ୱରୂପଗୋସ୍ୱାମୀ କହିଛନ୍ତି— **'ରାଧାଭାବଦ୍ୟୁତି ସୁବଳିତଂ ନୌମି କୃଷ୍ଣସ୍ୱରୂପମ୍ ।'** କୃଷ୍ଣ ଅସୁରମାନଙ୍କୁ ମୁକ୍ତି ଦେବା ସହିତ ପୃଥିବୀର ଭାର ହରଣ କରି 'କରୁଣ', କିନ୍ତୁ ଶ୍ରୀମନ୍‌ମହାପ୍ରଭୁ ଅପରାଧିମାନଙ୍କୁ ବ୍ରହ୍ମାଦିଙ୍କ ଦୁର୍ଲଭ ପ୍ରେମ ଅଯାଚିତ ଭାବେ ବାଣ୍ଟି 'ପରମ କରୁଣ' ହୋଇଛନ୍ତି ।

(ଙ) ଶ୍ରୀମନ୍ ମହାପ୍ରଭୁଙ୍କ କରୁଣାର ଆଉ ଗୋଟିଏ ବୈଶିଷ୍ଟ୍ୟ ହେଲା, ଯିଏ ଗୌରାଙ୍ଗ ମହାପ୍ରଭୁଙ୍କ ନାମ ନିଏ, ତା'ର କୃଷ୍ଣପ୍ରେମ ଉଦୟ ହୁଏ । ଯିଏ ଗୌରାଙ୍ଗଙ୍କ ଆଶ୍ରୟ ନିଏ, ସେ ସପରିକର ବ୍ରଜେନ୍ଦ୍ରନନ୍ଦନଙ୍କୁ ପାଏ । ଯିଏ ଗୌଡମଣ୍ଡଳ ଭୂମିକୁ ଆଶ୍ରୟ କରେ, ତାର ବ୍ରଜଭୂମିରେ ନିତ୍ୟ ବାସ ହୁଏ । ଯିଏ ଗୌରପ୍ରେମ ରସାର୍ଣ୍ଣବରେ ମଗ୍ନ ହୁଅନ୍ତି, ସେ ରାଧାମାଧବ ପ୍ରେମତରଙ୍ଗରେ ଭାସନ୍ତି ।

ଶ୍ରୀଚୈତନ୍ୟ-ମହାପ୍ରଭୁଙ୍କ ଆଉ ଏକ ପ୍ରଧାନ ବୈଶିଷ୍ଟ୍ୟ ହେଉଛି—ସେ ଜଗତକୁ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ଶିକ୍ଷା ଦେଇଛନ୍ତି । ଶ୍ରୀକୃଷ୍ଣ ଅଦ୍ୱୟ ଜ୍ଞାନ ପରତତ୍ତ୍ୱ ଓ ସର୍ବଶକ୍ତିମାନ୍ । '**ଶକ୍ତିଶକ୍ତିମତୋରଭେଦଃ**'-ଏଇ ବେଦାନ୍ତ ସୂତ୍ରାନୁସରେ ଶ୍ରୀକୃଷ୍ଣ ଓ ତାଙ୍କର ଶକ୍ତି ଅଭିନ୍ନ ହେଲେ ହେଁ କେତୋଟି ବିଷୟରେ ଭିନ୍ନତା ପରିଲକ୍ଷିତ ହୁଏ । ଏଥିପାଇଁ ପରତତ୍ତ୍ୱ ଶ୍ରୀକୃଷ୍ଣ ଓ ତାହାଙ୍କ ଶକ୍ତି ପରିଣତ ଜୀବ ତଥା ଜଗତ ମଧ୍ୟରେ ପରସ୍ପର ଭେଦାଭେଦ ସମ୍ବନ୍ଧ ବିଦ୍ୟମାନ, ସାଧାରଣରୂପେ ଏହା ପ୍ରାକୃତ ବୁଦ୍ଧିଦ୍ୱାରା ଚିନ୍ତନୀୟ ନୁହେଁ ବୋଲି ଅଚିନ୍ତ୍ୟ । ତାହା କେବଳ ବେଦବୁଦ୍ଧି ଅଥବା ଗୁରୁପରମ୍ପରା ଦ୍ୱାରା ବୁଝାଯାଏ, ତେଣୁ ତାହା ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ।

ସର୍ବୋପରି ଶ୍ରୀକୃଷ୍ଣଙ୍କ ଅନୁପମ ମାଧୁର୍ଯ୍ୟ ରସାସ୍ୱାଦନରେ ଗୌର କରୁଣାର ଯେଉଁ ମହାମାଧୁର୍ଯ୍ୟମୟ ଓ ଉଲ୍ଲାସମୟ ବିକାଶ ବୈଶିଷ୍ଟ୍ୟ ଅଛି, ତାହା ସର୍ବଥା ଅନିର୍ବଚନୀୟ ଓ ଅତୁଳନୀୟ । ତାହା କୌଣସି ଯୁଗରେ କୌଣସି ଭଗବତ୍ ସ୍ୱରୂପରେ ଅଭିବ୍ୟକ୍ତ୍ୟ ହୋଇ ନାହିଁ ।

ଅତଏବ ହେ ସାଧକ! **ସକଳମେବ ବିହାୟ ଦୂରାତ୍ ଚୈତନ୍ୟଚନ୍ଦ୍ର ଚରଣେ କୁରୁତାନୁରାଗମ୍।**

ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠ
ଚକ୍ରତୀର୍ଥ ମାର୍ଗ, (ଚକ୍ରତୀର୍ଥ ମନ୍ଦିର ନିକଟ);
ପୁରୀ-୨;
ଫୋନ୍-(୦୬୭୫୨)୨୨୭୩୧୭,
୦୯୭୭୬୨୩୮୩୨୮

**ବି. ଦ୍ର.—**

*ଏହି ପ୍ରବନ୍ଧକୁ ଆପଣଙ୍କ ନିକଟତର ବନ୍ଧୁମାନଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ। ଅର୍ଥାତ୍ ଆପଣ ଜାଣିଥିବା ମେଲ ଠିକଣାରେ ପଠାଇଦିଅନ୍ତୁ। ପ୍ରତିମାସରେ ୱେବ୍ ମାଗାଜିନ୍ ପଠାଇବାକୁ ଆମକୁ ଆପଣଙ୍କ ବନ୍ଧୁଙ୍କ ମେଲ ଠିକଣା ପଠାଇବାକୁ ଅନୁରୋଧ। ଅନୁସନ୍ଧାନ କରନ୍ତୁ—*

**oriya website : www.suddhabhakti.org**